# Akashvani, Sambalpur

## SAMBALPURI NEWS BULLETIN

### 16 January 2025- 6.47- 6.52 am.

*********************************************

ମୁଖ୍ୟମନ୍ତ୍ରୀ- କେନ୍ଦୁଝର୍ ଗସ୍ତ ଆର୍ଏନ୍ୟୁ /ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ୩ ଦିନିଆ କେନ୍ଦୁଝର୍‌ଗସ୍ତର ଆଏଜ୍ ଶେଷ୍ ଦିନ୍ । ଆଏଜ୍ ମୁଖ୍ୟମନ୍ତ୍ରୀ ଭିନ୍ ଭିନ୍ ସାମାଜିକ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । ଗଲାକାଏଲ୍ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଐତିହାସିକ୍ ବଡ଼ବିଲ୍ ମହୋତ୍ସବ୍‌ର ରୌପ୍ୟଜୟନ୍ତୀ ସମାରୋହଥି ଯୋଗ୍ ଦେବାର୍ ସହେତେ ରାଏଜେ ବଢ୍‌ତି ଭତା ବାଂଟ୍‌ବାର୍ କାର୍ଯ୍ୟକ୍ରମ୍‌ର୍ ଶୁଭାରମ୍ଭ କରିଥିଲେ ।

ସିଏମ୍ ଟ୍ରଫି ଆର୍ଏନ୍ୟୁ /ସମ୍ବଲପୁର

ରାଏଜେ ଆଏବା ଦିନେ ହେବାର୍‌କେ ଜିଲ୍ଲାସ୍ତରୀୟ ସିଏମ୍ ଟ୍ରଫି ଫୁଟ୍‌ବଲ୍ ଚମ୍ପିଆନ୍ ସିପ୍ -୨୦୨୫ ଲାଗି କ୍ରୀଡ଼ା ପ୍ରତିଭା

ଖୁଜ୍‌ବାର୍ କାମ୍ ଆଏଜ୍‌ଠାନୁ ମୁଲ୍ ହେଉଛେ । ୩୦ ଟା ଜିଲ୍ଲାନୁ ପାଖାପାଖି ୨ ଶହ ୮୪ ଟା ଦଲ୍ ଆର୍ ୬ ହଜାର୍ ପ୍ରତିଯୋଗୀ ଭାଗ୍ ନେବେ ବଲି ଲକ୍ଷ୍ୟ ରଖାଯାଇଛେ ।

ଖରିଫ୍ ଧାନ୍‌ଘିନା          ଆଇଆଣ୍ଡପିଆର୍

ରାଏଜର୍ ୨୭ଟା ଜିଲ୍ଲା ନ ଇହାଦେ ଖରିଫ୍ ଧାନ୍‌ଘିନା ଚାଲିଛେ । ଧାନ ଘିନ୍‌ବାର୍ ଖାଲି ୪୮ ଘଂଟା ଭିତ୍‌ରେ ଚାଷୀଙ୍କୁ ଟଙ୍କା ମିଲିଯାଉଛେ । ଇଥିର୍ ଲାଗି ତ୍ରିସ୍ତରୀୟ ପ୍ରକ୍ରିୟା ଚାଲିଛେ । କେହେନ୍‌ସି ପଂଜିକୃତ୍ ଚାଷୀ ଯେନ୍‌ତା ଧାନ୍ ବିକ୍‌ବାର୍‌ନୁ ବଂଚିତ୍ ନାଇ ହୁଅନ୍ ସେଥି ଉପ୍‌ରେ ସରକାର୍ ଖାସ୍ ନଜର୍ ରଖିଛନ୍ ।

ଜାତୀୟ ଶିକ୍ଷାନୀତି- ୨୦୨୦          ଆଇ ଆଣ୍ଡ ପିଆର୍

ଆଏବା ଶିକ୍ଷା ବଛର୍‌ନୁ ରାଜ୍ୟର୍ ସବୁ ସ୍କୁଲ୍ ନ ଜାତୀୟ ଶିକ୍ଷାନୀତି- ୨୦୨୦ ଲାଗୁ କର୍‌ବାର୍‌କେ ଗଲାକାଏଲ୍ ସ୍କୁଲ୍ ଆଉ ଗଣଶିକ୍ଷା ବିଭାଗ୍ ତରଫୁ ଗୁଟେ ବିଜ୍ଞପ୍ତି ବାହାରିଛେ । ବିଜ୍ଞପ୍ତି ଅନ୍‌ସାରେ ପହେଲା ଫାଉଣ୍ଡେସନ୍ ସ୍ତରର୍ ପାଠ୍ୟକ୍ରମ୍ ଉପ୍‌ରେ ଧ୍ୟାନ୍ ଦିଆଯିବା । ତାର୍ ଉତ୍‌ରୁ ଭିନ୍ ଭିନ୍ ଖେପେ ଶିକ୍ଷାନୀତିକେ

କାର୍ଯ୍ୟକାରୀ କରାଯିବା । ଜାତୀୟ ପାଠ୍ୟକ୍ରମକେ ନଜର୍‌ଥି ରଖିକରି ଏଛ୍‌ନିର୍ ଥିତି ନ ଆଂଚଲିକ୍ ବିଷୟବସ୍ତୁକେ ବିଚାର୍‌କେ ନେଇକରି ନୂଆଁ ପାଠ୍ୟଖସଡ଼ା ପ୍ରସ୍ତୁତ୍ କରାଯିବା । ୧୦ ଆଉ +୨ ଶ୍ରେଣୀ ଢାଂଚାକେ ବଦ୍‌ଲାଯିବା ଆର୍ ୩ ବଛର୍‌ନୁ ଛୁଆମାନେ ଅଙ୍ଗନ୍‌ବାଡ଼ିକେ ଯାଇକରି ପାଠ୍‌ପଢ୍‌ବେ ବଲି ଗଣଶିକ୍ଷା ବିଭାଗ୍ ସୂଚ୍‌ନା ଦେଇଛେ ।

ଡିଜି ଲକର୍ ଆର୍‌ଏନ୍‌ୟୁ /ସମ୍ବଲପୁର

ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ରୋକ୍‌ବାର୍ ଲାଗି ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ୍ ତର୍‌ଫୁ ଇଥର ବୋର୍ଡ଼ ପରୀକ୍ଷା ନ ଡିଜି ଲକର୍ ବ୍ୟବସ୍ଥା ମୁଲ୍ କରାଯିବା । ଆଏବା କାଏଲ୍‌ନୁ ହେବାର୍‌କେ ଥିବା ଓଏସ୍‌ଏସ୍‌ଟିଇଟି ପରୀକ୍ଷା ନ ପରୀକ୍ଷାମୂଲକ୍ ଭାବେ ଇଟାକେ ଲାଗୁ କରାଯିବା । ବୋର୍ଡ଼ କାର୍ଯ୍ୟାଳୟ ଠାନୁ ପରୀକ୍ଷାକେନ୍ଦ୍ରମାନ୍‌କୁ ପ୍ରଶ୍ନପତ୍ର ପଠାବାର୍ ଲାଗି ଇ ବ୍ୟବସ୍ଥା ବନେ କାମ୍ ଦେବା ବଲି ଆଶ୍ କରାଯାଉଛେ । ଇତାର୍‌ସହେତେ ପ୍ରଶ୍ନପତ୍ରର୍ ସବୁ ପୃଷ୍ଠା ନ ୱାଟର୍‌ମାର୍କ ଲଗାଯିବା ବଲି ଭିଲ୍ ବୋର୍ଡ଼ ନିଷ୍ପତି ନେଇଛେ । ଇ ବାବ୍‌ଦେ ସୂଚ୍‌ନା ଦେଇକରି ବୋର୍ଡ଼ ଉପସଭାପତି ନିହାର୍ ରଞ୍ଜନ୍ ମହାନ୍ତି କହିଛନ୍...

(ଭଏସ୍ ଓଭର୍- ବୋର୍ଡ଼ ଉପସଭାପତି)

ମନ୍ କି ବାତ୍          ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୧୯ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୧୮ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ସେହିଦିନ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ଏଚ୍.ଏମ୍.ପି.ଭି.          ଆଇଆଣ୍ଡପିଆର୍

ହ୍ୟୁମାନ୍ ମେଟାନ୍ୟୁମୋ ଭାଇରସ୍-ଏଚ୍.ଏମ୍.ପି.ଭି.କେ ନେଇକରି ରାଜ୍ୟବାସୀ ଡର୍‌ବାର୍ ନାଇଁନ, କାରଣ୍ ଇତାକେ ନେଇକରି ରାଜ୍ୟ ଆର୍ କେନ୍ଦ୍ର ସରକାରଙ୍କ ସହେତେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ୍ ପୁରା ସତର୍କ ରହିଛେ ବଲି ଗଲାକାଏଲ୍ ଭୁବନେଶ୍ୱରଠାନେ ହେଇଥିବା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର୍ ଗୁଟେ ସମୀକ୍ଷା ବୈଠକ୍‌ଥି କୁହାଯାଇଛେ। ସ୍ୱାସ୍ଥ୍ୟ ବିଭାଗ କମିଶନର୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ନ କୁହାଯାଇଛେ ଯେ, ଆଏଜ୍‌ତକ୍ ଏଚ୍.ଏମ୍.ପି.ଭି.ର୍ ଲକ୍ଷଣ୍ ଓଡ଼ିଶାନ ସାମ୍ନାକେ ନାଇଆସି, ଫିର୍‌ଭି ସରକାର ସବୁ ଥିତି ଲାଗି ତୟାର୍ ଅଛନ୍। ସଚେତନ୍‌ତା, ସତର୍କତା ଆଉ ସଫାସୁତ୍‌ରା ବଲେ ଏଚ୍.ଏମ୍.ପି.ଭି. ଭୂତାଣୁଠାନୁ ରକ୍ଷା ପାଇହେବା ବଲି ବୈଠକ୍‌ନ କୁହାଯାଇଛେ।

ହୀରାକୁଦ୍ ଜଲ୍‌ଭଣ୍ଡାର୍- ପକ୍ଷୀ ଗନ୍‌ତି     ଆର୍‌ଏନ୍‌ୟୁ /ସମ୍ବଲପୁର

ରାଜ୍ୟ ସର୍କାର୍ଙ୍କର୍ ଜଙ୍ଗଲ୍ ପରିବେଶ୍ ଆଉ ଜଲ୍ବାୟୁ ପରିବର୍ତ୍ତନ୍ ବିଭାଗ୍ ତର୍ଫୁ ଆଏବା ୧୭ ଆର୍ ୧୮ ତାରିଖ୍ ଦିନ ହୀରାକୁଦ୍ ଜଲ୍ଭଣ୍ଡାର୍ ନ ପକ୍ଷୀ ଗନ୍ତି କରାଯିବା । ସେଥିର୍ଲାଗି ଇ ଦୁଇ ଦିନ୍ ପର୍ଯ୍ୟଟକ୍ମାନ୍କର୍ ସହେତେ ମତ୍ସ୍ୟଜୀବୀମାନ୍କର୍ ହୀରାକୁଦ୍ ଜଲ୍ଭଣ୍ଡାର୍ ଭିତର୍କେ ଯିବାର୍ଟା ବନ୍ଦ୍ କରାଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ଫି’ ବଛର୍ ଶୀତ୍ ମାସେ ହୀରାକୁଦ୍ ଜଲ୍ଭଣ୍ଡାର୍କେ ବିଦେଶୀ ଅତିଥି ପକ୍ଷୀମାନେ ଆଏସନ୍ । ଇ ବଛର୍ ଶହେ ୮ ଟା ପ୍ରଜାତିର୍ ଅତିଥି ପକ୍ଷୀ ଆସିଥିବାର୍ ଜଙ୍ଗଲ୍ ବିଭାଗ୍ ତର୍ଫୁ ଅନୁମାନ୍ କରାଯାଉଛେ ।

ସମ୍ବଲ୍ପୁରୀ ଧନୁଯାତ୍ରା ସମ୍ବଲ୍ପୁର୍ ସମ୍ବାଦଦାତା

ସମ୍ବଲ୍ପୁର୍ ନ ଗଲାକାଏଲ୍ଠାନୁ ମୁଲ୍ ହେଇଛେ ସମ୍ବଲ୍ପୁରୀ ଧନୁଯାତ୍ରା । ଧନୁଯାତ୍ରା ଲାଗି ଗଙ୍ଗାଧର୍ ମଣ୍ଡପ୍ ମଥୁରା ନଗରୀ ଆର୍ ଚାଉଁର୍ପୁର୍ ଗୋପପୁର ହେଇଛେ । ଧନୁଯାତ୍ରା ଉଦ୍ଘାଟ୍ନୀ ସଞ୍ଜେ ଉଗ୍ରସେନଙ୍କର୍ ଗାଦିଚ୍ୟୁତ ଆର୍ କଂସଙ୍କର୍ ସିଂହାସନ ଆରୋହଣ୍, ବସୁଦେବ- ଦେବକୀଙ୍କୁ ବନ୍ଦୀ ବନାବାର୍ ଦୃଶ୍ୟ ଦର୍ଶକ୍ ଉପଭୋଗ୍ କରିଥିଲେ । ଆଏଜ୍ କଂସ ମହାରାଜ୍ ହାତୀ

ପିଠି ନ ବସିକରି ନଗର୍ ଭ୍ରମଣ୍ କାର୍ଯ୍ୟକ୍ରମ୍ ରହିଛେ । ଧନୁଯାତ୍ରା ଆଏବା ୧୯ ତାରିଖ୍‌ତକ୍ ଚାଲ୍‌ବା ।

ହକି ଇଣ୍ଡିଆ ଲିଗ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ହକି ଇଣ୍ଡିଆ ଲିଗ୍ ନ ଆଏଜ୍ ରାଉର୍‌କେଲା ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡ଼ିୟମ୍ ଠାନେ ଦିଲ୍ଲୀ ଏସ୍.ଜି. ପାଇପର୍ସ ଆର୍ ବେଦାନ୍ତ କଳିଙ୍ଗ ଲାନ୍‌ସର୍ସ ଭିତ୍‌ରେ ମେଚ୍ ହେବା । ରାତିର୍ ୮ ବାଜିକରି ୧୫ ମିନିଟ୍‌ଥି ଖେଲ୍ ମୁଲ୍ ହେବା ।
ଗଲାକାଏଲ୍ ହେଇଥିବା ମେଚ୍‌ଥି ସ୍ରାଚୀ ରାହା ବେଙ୍ଗଲ୍ ଟାଇଗର୍ସ ୫-୨ ଗୋଲ୍‌ଥି ୟୁପି ରୁଦ୍ରାସ୍‌କେ ହରେଇଥିବାର୍ ବେଲେ ମହିଳା ବର୍ଗଥି ସୁର୍‌ମା ହକି କ୍ଲବ୍ ୨-୧ ଗୋଲ୍‌ଥି ଓଡ଼ିଶା ୱାରିୟର୍ସକେ ହରେଇଥିଲା ।